# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯିଶାୟ ଯେ ଭବିଷ୍ୟତ ଦେଖନ୍ତି



ଲେଖକ: Edward Hughes
ଦୃଷ୍ଟାନ୍ତ: Jonathan Hay
ଅନୁବାଦକ: Prasanta Bhuyan
ଉପଯୋଜକ: Mary-Anne S.

କାହାଣି ୭୦ ରୁ ୭୭

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଓଡ଼ିଆ

Oriya

ଯିଶାୟ ଏକ ଭବିଷ୍ୟଦବକ୍ତା ଥିଲେ । ଲୋକମାନଙ୍କ ନିକଟକୁ ସଦାପ୍ରଭୁଙ୍କ ସମ୍ବାଦ ପହଞ୍ଚାଇବା ତାଙ୍କର କାର୍ଯ୍ୟ ଥିଲା ।






ଲୋକମାନେ ସର୍ବଦା ସଦାପ୍ରଭୁଙ୍କ ବାକ୍ୟ ଶ୍ରବଣ କରିବାକୁ ଇଛା କରୁ ନ ଥିଲେ, ମାତ୍ର କଦାପି ସଦାପ୍ରଭୁଙ୍କୁ ଅଧଃପତନ ହେବାକୁ ଦେଲେ ନାହିଁ । ଯିଶାୟ ଏହି ଚ଼ାରିଜଣ ରାଜା ମାନଙ୍କ ରାଜ୍ୟ କରିବା ସମୟରେ
ପ୍ରଚ଼ାର କଲେ ।



রাজা ଉଷିୟ ଯିହୁଦା ପ୍ରଦେଶକୁ ଯିରୁଶାଲମ ନଗରଠାରୁ ରାଜ୍ୟ କଲେ । ପ୍ରଥମରେ, ସଦାପ୍ରଭୁ ଉଷିୟଙ୍କୁ ଆଶିର୍ବାଦ କଲେ କାରଣ ସେ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ଉତ୍ତମ ତାହା କଲେ । ମାତ୍ର ସେ ଗର୍ବୀ ହେଲେ ଓ ସଦାପ୍ରଭୁଙ୍କୁ ବାଧ୍ୟ ହେବାରୁ ବିମୁଖ ହେଲେ । ତାହାକୁ କୁଷ୍ଠରୋଗ ହେଲା ତେଣୁ ବାକି ଜୀବନ ତାହାର ମୃତ୍ରୁ ପର୍ଯ୍ୟନ୍ତ ତାହାକୁ ଏକଲା ରହିବାକୁ ପଡ଼ିଲା ।




3

ଉଷିୟ ପ୍ରାୟ ଶାଠିଏ ବର୍ଷରୁ ଉର୍ଦ୍ଧ ଯିହୁଦା ପ୍ରଦେଶରେ ରାଜ୍ୟ କଲେ । ଯେତେବେଳେ ତାଙ୍କର ମୃତ୍ରୁ ହେଲା, ତାହାର ପୁତ୍ର ଯୋଥାମ୍ ତାଙ୍କ ସ୍ଥାନରେ ରାଜା ହେଲେ ଏବଂ ପ୍ରାୟ ସତର ବର୍ଷ ପର୍ଯ୍ୟନ୍ତ ରାଜ୍ୟ କଲେ । ସଦାପ୍ରଭୁ ଯୋଥାମଙ୍କୁ ଆଶିର୍ବାଦ କଲେ, କାରଣ ସେ ଯିଶାୟ ଭବିଷ୍ୟଦବକ୍ତାଙ୍କ ଦ୍ୱାରା କଥିତ ସଦାପ୍ରଭୁଙ୍କ ବାକ୍ୟ ଶ୍ରବଣ କଲେ ।



4

ଆହସ୍ ରାଜା ଯୋଥାମଙ୍କ ପୁତ୍ର ଥିଲେ । ଆହସ୍ ଯେତେବେଳେ ରାଜ୍ୟ କରିବା ପ୍ରାରମ୍ଭ କଲେ ତାହାକୁ କୋଡ଼ିଏ ବର୍ଷ ବୟସ ହୋଇଥିଲା, ଏବଂ ସେ ଯିରୁଶାଲମରେ ସତର ବର୍ଷକାଳ ରାଜ୍ୟ କଲେ । ଆହସ୍ ସଦାପ୍ରଭୁଙ୍କୁ ଖାତିରି କଲେନାହିଁ ।



5

ସେ ପ୍ରତିମା ପୂଜା ଓ ମିଥ୍ୟା ଦେବଗଣର ଉପାସନା କଲେ, ଏବଂ ଅନେକଙ୍କୁ ସଦାପ୍ରଭୁଙ୍କ ଛାମୁରୁ ଦୁରେଇ ନେଲେ । ଯଦିଓ ଯିଶାୟ ତାହକୁ ସତର୍କ କଲେ, ତାଥାପି ଆହସ୍ ସଦାପ୍ରଭୁଙ୍କ ଚେ଼ତାବନିକୁ ଶ୍ରବଣ କଲେନାହିଁ । ମାତ୍ର ପଞ୍ଚତିରଶ ବର୍ଷ ବୟସରେ ତାହାର ମୃତ୍ରୁ ହେଲା ।



6

ସଦାପ୍ରଭୁ ପରବର୍ତ୍ତୀ ରାଜାଙ୍କୁ ଆଶିର୍ବାଦ କଲେ, ହିଜକିୟ, କାରଣ ସେ ଦେଶରୁ ସମସ୍ତ ଖୋଦିତ ପ୍ରତିମା ଓ ମିଥ୍ୟ ଦେବଗଣକୁ ବାହର କରିଦେଲେ, ଓ ସତ୍ୟ ଇଶ୍ୱରଙ୍କ ଉପାସନା କଲେ । ଯେତେବେଳେ ଏକ  ଶତ୍ରୁସୈନ୍ୟ ଯିହୁଦାକୁ ଆକ୍ରମଣ କଲେ, ହିଜକିୟ ଜାଣିଥିଲେ ତାଙ୍କର ସୈନ୍ୟବଳ ଯୁଧଜୟ ନିମନ୍ତେ ବହୁ ଦୁର୍ବଳ ଅଟେ । ସେ ସଦାପ୍ରଭୁଙ୍କ ସାହାଯ୍ୟ ନିମନ୍ତେ ଯିଶାୟଙ୍କୁ କହିଲେ ।



7

ଯିଶାୟ ଏହି ସମ୍ବାଦ ରାଜାଙ୍କୁ ପ୍ରେରଣ କଲେ । ସଦାପ୍ରଭୁ ଏହି କଥା କହନ୍ତି, ଏହି ଶତ୍ରୁ ନିମନ୍ତେ ଭୟ କରନାହିଁ .... ମୁଁ ତାହାର ପତନ କରିବି ... ଶିଘ୍ର ସଦାପ୍ରଭୁ ଏହାକଲେ, ଶତ୍ରୁ ସୈନ୍ୟ ହିଜକିୟଙ୍କ ସହିତ ଯୁଦ୍ଧ ନ କରି ସେହିସ୍ଥାନରୁ ପଳାୟନ କଲେ ।



8


ଯଦିଓ ତାଙ୍କ ଆଖ ପାଖ ଲୋକ ସମସ୍ତେ ସଦାପ୍ରଭୁଙ୍କ ବିଷୟରେ ଅଧିକ ଚିନ୍ତା କଲେ ନାହିଁ, କିନ୍ତୁ ଯିଶାୟ ଚିନ୍ତା କଲେ ।
ଦିନକରେ, ସେ ଏକ ସ୍ୱପ୍ନ ଦେଖିଲେ, ଯାହା ଶୋଇ ନ ଥିବା ସମୟର ସ୍ୱପ୍ନପରି ଥିଲା । ସ୍ୱପ୍ନରେ, ଯିଶାୟ ସଦାପ୍ରଭୁଙ୍କ ଯେ ପବିତ୍ର ଓ ଗୌରବାନ୍ୱିତ ଅଟନ୍ତି ।
9
ମୁଁ କାହାକୁ ପଠାଇବି? ସଦାପ୍ରଭୁ ସେହି ସ୍ୱପ୍ନରେ ପଚାରିଲେ । ମୁଁ ଅଛି, ମୋତେ ପଠାଅ, ଯିଶାୟ ଉତ୍ତର କଲେ । ସେ ସଦାପ୍ରଭୁ ଯାହା କହିନ୍ତି ତାହା କରିବେ ଏବଂ ଯେଉଁଆଡ଼େ ପ୍ରେରଣ କରିବେ ସେହିଆଡ଼େ ଯିବେ ।
10
ହୁଏତ ଯିଶାୟ ଭାବୁଥିଲେ ସଦାପ୍ରଭୁ ତାହକୁ ଦୂର ଦେଶକୁ, ଯେଉଁଠାରେ ଲୋକମାନେ ସଦାପ୍ରଭୁଙ୍କ ବାକ୍ୟ ଶ୍ରବଣ କରିନାହାନ୍ତି ସେହି ସ୍ଥାନକୁ ପ୍ରେରଣ କରିବେ । ମାତ୍ର ନୁହେଁ, ସଦାପ୍ରଭୁ ତାହା କଲେନାହିଁ । ସଦାପ୍ରଭୁ ତାହାକୁ ନିଜ ଦେଶରେ ନିଜ ଲୋକମାନଙ୍କୁ ପ୍ରଚାର କରିବାକୁ କହିଲେ । ସଦାପ୍ରଭୁ ଯେ ସେମାନଙ୍କ ପାପ ହେତୁ ସେମାନଙ୍କ ଉପରେ କ୍ରୋଧିତ ତାହା ସେମାନଙ୍କୁ ଜଣାଇବେ ।
11
ପୁଣି ଯିଶାୟ କେତେକ ଅନ୍ୟ ବିଷୟରେ ମଧ୍ୟ ସେ ଲୋକମାନଙ୍କୁ ପ୍ରଚାର କରିବେ – ସଦାପ୍ରଭୁ ଏକ ବିସ୍ମୟକର ବିଷୟ ଏକ ଲୋକ ଯେ କି ବଳିଷ୍ଠ, ବହନକାରି ଓ ସେ ସେମାନଙ୍କ ସମସ୍ତ ପାପରୁ ଓ ଶତ୍ରୁହସ୍ତରୁ ଉଦ୍ଧାର କରିବେ ।
12
ଯିହୁଦୀମାନେ ତାହାକୁ ମସିହ ଡାକିଲେ, ଯଦିଓ ସେମାନେ ଆଶାକରୁଥିଲେ ଯେ ସଦାପ୍ରଭୁ ସେମାନଙ୍କୁ ମସିହକୁ ପ୍ରେରଣ କରିବେ, ତଥାପି ସେମାନେ ସେହିପରି ଯେପରି ସେ କେବେ ଆସି ନ ପାରନ୍ତି ।
13
ଯିଶାୟ ଯେ ସମସ୍ତ ବିଷୟ ମସିହାଙ୍କ ବିଷୟରେ କହିଲେ ସେହି ସମସ୍ତ ବିଷୟ ଏହି ପୁସ୍ତକରେ ନିଖିତ ଅଛି, ଯଦିଓ ସେ ଏହା ଶହସ୍ର ବର୍ଷ ପୂର୍ବେ ଲେଖିଥିଲେ, ତାହା ସବୁ ସତ୍ୟ ହେଲା । ଯାହାସବୁ ଯିଶାୟ ମସିହଙ୍କ ବିଷୟରେ କହିଲେ ସମସ୍ତ ବିଷୟ ସତ୍ୟ ହେବ ।
14

ଯିଶାୟ କହିଲେ ସଦାପ୍ରଭୁ ନିଜେ
ଏକ ଚିହ୍ନ ଦେବେ । ସେ କହିଲେ,



ଦେଖ ଏକ କନ୍ୟା ପୁତ୍ର ପ୍ରସବ କରିବେ ଓ
ତାହାର ନାମ ଇମାନୁଏଲ ଦେବେ ।
ଲୋକମାନେ ଜାଣିଥିଲେ ଯିଶାୟ
ସଦାପ୍ରଭୁଙ୍କ ମସିହଙ୍କ
ସମ୍ବନ୍ଧରେ କହୁଛନ୍ତି,



କାରଣ ଏକ ସ୍ତ୍ରୀ କନ୍ୟାହୋଇ
କଦାପି ସନ୍ତାନ ଜନ୍ମ କରି ନ ପାରେ ।
ପୁଣି, ଇମାନୁଏଲ ର ତାତ୍ପର୍ଯ୍ୟ ହେଲା
ଆମ୍ଭମାନଙ୍କ ସହିତ ଇଶ୍ୱର ।

15

ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି,
ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି,
ତାହାଙ୍କ ସ୍କନ୍ଧରୁ କର୍ତ୍ତୃତ୍ୱ ଭାର ଥୁଆଯିବ ।
ତାହାର ନାମ ଆଶ୍ଚର୍ଯ୍ୟ ମନ୍ତ୍ରୀ, ପାରାକ୍ରାନ୍ତ
ପରମେଶ୍ୱର, ଅନନ୍ତକାଳୀନ ପିତା ଓ ଶାନ୍ତିରାଜା
ହେବ । ଯିଶାୟ ନିଶ୍ଚିତ ଥିଲେ ଯେ ସଦାପ୍ରଭୁଙ୍କ
ବାକ୍ୟ ସଫଳ ହେବ, ସେ ଏହା ଏପରି କହିଲେ
ଯେପରି ତାହା ସଫଳ ହେଲାଣି । ଏହାକୁ
ଭବିଷ୍ୟତ୍ ବାଣୀ କୁହାଯାଏ ।



16

ଯିଶାୟ କହିଲେ ଯେ ମସିହ ମହାନ ହେବେ ଓ ମହତ୍ତ୍ୱ କାର୍ଯ୍ୟ ସାଧନ କରିବେ । ସଦାପ୍ରଭୁ ଯିଶାୟଙ୍କୁ ଲୋକମାନଙ୍କୁ କହିବାକୁ କହିଲେ ଯେ ମସିହ ମଧ୍ୟ ଦୁଃଖଭୋଗ ଓ ମୃତୁବରଣ କରିବେ । ଯିଶାୟ ବିସ୍ମିତ ହୋଇଥିବେ ଯେ ମସିହ କିପରି ଭାବରେ ମହାନ, ଶକ୍ତିଶାଳି ପୁଣି ଦୁର୍ବଳ ହୋଇ ଦୁଃଖଭୋଗ ମଧ୍ୟ କରିବେ । ଯିଶାୟ ସଦାପ୍ରଭୁଙ୍କ ସହିତ ଯୁକ୍ତି କଲେ ନାହିଁ ବରଂ ସଦାପ୍ରଭୁଙ୍କ ଆଜ୍ଞାନୁସାରେ ବାରମ୍ବାର କହିଚାଲିଲେ । ବର୍ତ୍ତମାନ୍ ସଦାପ୍ରଭୁ ତାଙ୍କ ଭବିଷ୍ୟତ୍ ବାଣୀକୁ ସଫଳ କରିବା ଆବଶ୍ୟକ ।



17

ମସିହ ଆସୁଥିଲେ, କେବଳ ମାତ୍ର ଯିହୁଦୀ ମାନଙ୍କ ନିମନ୍ତେ ନୁହେଁ । ସଦାପ୍ରଭୁ ଯିଶାୟଙ୍କୁ କହିଲେ ଯେ ମସିହ ଅଣ-ଯିହୁଦୀ ମାନଙ୍କ ନିମନ୍ତେ ମଧ୍ୟ ଆଲୋକ ସ୍ୱରୂପ ହେବେ । ପୃଥିବୀରେ ସେମାନେ ଅଣ-ଯିହୁଦୀ ଯେଉଁମାନେ ଯିହୁଦୀ ବଂଶଗତ ନୁହନ୍ତି । ସଦାପ୍ରଭୁ ସମସ୍ତ ମାନବ ଜାତିକୁ ପ୍ରେମ କରିନ୍ତି, ପୁଣି ତାଙ୍କ ମସିହ ପୃଥିବୀର ଶେଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଆଶିର୍ବାଦ ଓ ଉଦ୍ଧାର ସାଧନ କରବେ ।



18

ଯିଶାୟ ଯେ ଭବିଷ୍ୟତ ଦେଖନ୍ତି

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯିଶାୟ ୧, ୬, ୭, ୯, ୫୩

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।